To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

### ମୋଦୀଙ୍କ ଶାସନରେ ସିବିଆଇକୁ ରାଜନୈତିକ ପ୍ରତିଶୋଧର ଅସ୍ତ୍ର କରାଯାଉଛି: ରାହୁଲ



R.N.I. No.-42041/83 Vol-16, Issue No.115, ଭଦ୍ରକ, ମଙ୍ଗଳବାର, ୨୩, ଅକ୍ଟୋବର ୨୦୧୮ ■ Bhadrak Tuesday, 23 October 2018 Rs. 2.00 Pages-8

## ପାରିବାରିକ କଳହର କରୁଣ ପରିଣତି

## ପେଟ୍ରୋଲ ଢ଼ାଳି ନିଆଁ ଲଗାଇଲା ଜ୍ୱାଇଁ ପତି, ପତ୍ନୀ, ଶାଶୂ ଶ୍ୱଶୁର ଜୀଅନ୍ତା ଦଗ୍ଧ

ଜଗତସିଂହପୁର, ୨୨।୧୦ (ସକାଳ ଖବର): ପାରିବାରିକ କଳହକୁ ନେଇ ଜ୍ୱାଇଁ ପେଟ୍ରୋଲ ଢ଼ାଳି ନିଆଁ ଲଗାଇଦେବା ଫଳରେ ଅଭିଯୁକ୍ତ ଜ୍ୱାଇଁ ସମେତ ଗୋଟିଏ ପରିବାରର ତିନି ଜଣ ସଦସ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଗତକାଲି ମଧ୍ୟ ରାତ୍ରରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି ଜଗତସିଂହପୁର ଜିଲ୍ଲା କୁଜଙ୍ଗ ଥାନା ଅନ୍ତର୍ଗତ ବନାପାଟ ଗ୍ରାମରେ । ମୃତକମାନେ ହେଲେ ନବଘନ ସାହୁ, ତାଙ୍କ ପତ୍ନୀ କମଳା ସାହୁ, ହରେକୃଷ୍ଣ ମଲ୍ଲିକ ଏବଂ ତାଙ୍କ ପତ୍ନୀ ରୁବିନା ସାହୁ। ହରେକୃଷ୍ଣ ଓ ରୁବିନା ନବଘନଙ୍କ ଝିଅ ଜ୍ୱାଇଁ। ତେବେ ରୁବିନା ମୃତ୍ୟୁ ପୂର୍ବରୁ ହରେକୃଷ୍ଣ ପାରିବାରିକ କଳହକୁ ନେଇ ଘରେ ନିଆଁ ଲଗାଇଦେଇଥିବା ତାଙ୍କ ବୟାନରେ କହିଛନ୍ତି। ଘଟଣାରୁ ପ୍ରକାଶ ଯେ, ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ବାଲିଚିରା ଗ୍ରାମପଚାଂୟତର ହରେକୃଷ୍ଣ ମଲ୍ଲିକ ଗତ ଅପ୍ରେଲ ମାସ ୨୦ ତାରିଖରେ କୁଜଙ୍ଗ ଥାନା ବାଲିତୁଠ ପଚାଂୟତ ଅନ୍ତର୍ଗତ ବନାପାଟ ଗ୍ରାମର ନବଘନ ଓ କମଳାଙ୍କ ସାନ ଝିଅ ୨୫ ବର୍ଷିୟା ରୁବିନାଙ୍କୁ ବିବାହ



କରିଥିଲେ। ହରେକୃଷ୍ଣ ବାଙ୍ଗାଲୁରୁରେ ରହି ସେଠାରେ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ବିବାହ ପରେ ହରେକୃଷ୍ଣ ପତ୍ନୀଙ୍କୁ ବାଙ୍ଗାଲୁରୁ ନେଇଯାଇଥିଲେ। କିନ୍ତୁ ସେଠାରେ ଅଧିକାଂଶ ସମୟରେ ପତିପତ୍ନୀଙ୍କ ମଧ୍ୟରେ ମନମାଳିନ୍ୟ ଲାଗି ରହୁଥିଲା। ଯାହାକୁ ନେଇ ବାପା ନବଘନ ଝିଅ ରୁବିନାଙ୍କୁ ନିଜ ଘର ବନାପାଟକୁ ନେଇ ଆସିଥିଲେ । ଇତିମଧ୍ୟରେ ହରେକୃଷ୍ଣ ବାରମ୍ବାର ବାଙ୍ଗାଲୁରୁରୁ ରୁବିନାଙ୍କ ନିକଟକୁ ଫୋନ୍ କରି ଶାଶୂଘରକୁ ଫେରି ଆସିବା ପାଇଁ ଧମକ ଦେଉଥିଲେ । ଏଥିରେ ଅରାଜି ହେବାରୁ ଗତକାଲି ସଂଧ୍ୟାରେ ହରେକୃଷ୍ଣ ରୁବିନାଙ୍କ ଘରେ ପହଂଚି ସେଠାରେ ରୁବିନାଙ୍କ ସହିତ ଝଗଡ଼ା ମଧ୍ୟ କରିଥିଲେ । ରାତ୍ରିଭୋଜନ ପରେ ଶାଶୂ, ଶ୍ୱଶୁର ଓ ପତ୍ନୀ ଶୋଇଯିବା ପରେ ଜ୍ୱାଇଁ ହରେକୃଷ୍ଣ ରାଗ ସୁଝାଇବାକୁ ଯାଇ ରାତି ପ୍ରାୟ ସାଢ଼େ ୧୨ ଟା ସମୟରେ ସେମାନଙ୍କ ଉପରେ ପେଟ୍ରୋଲ ଢ଼ାଳି ନିଆଁ ଲଗାଇ ଦେଇଥିଲା । ତିନି ଜଣ ହୁତୁ ହୁତୁ ହୋଇ ଜଳୁଥିବା ଓ ବଂଚାଇବାକୁ ପ୍ରାଣ ବିକଳରେ ଚିତ୍କାର କରୁଥିବା ବେଳେ ହାତରେ ପେଟ୍ରୋଲ ଜାର ଧରିଥିବା ହରେକୃଷ୍ଣ ମଧ୍ୟ ଏଥିରୁ ବର୍ତି ନଥିଲା । ଅଗ୍ନିକାଣ୍ଡରେ ତିନି ବଖରା ଚାଳ ଛପର ଘର ସମ୍ପୂର୍ଣ୍ଣ ଜଳି ଯାଇଥିଲା । ପାଖ ପଡ଼ୋଶୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କରିବା ବେଳକୁ ନବଘନ, ପତ୍ନୀ କମଳା ଓ ଜ୍ୱାଇଁ ହରେକୃଷ୍ଣ ସମ୍ପୂର୍ଣ୍ଣ ଜଳି ସାରିଥିଲେ । ରୁବିନାଙ୍କୁ ଗୁରୁତର ଓ ସଂଜ୍ଞାହିନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ମେଡିକାଲକୁ ପଠାଯାଇଥିଲା । ସେଠାରେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା । କଟକରେ ରୁବିନାଙ୍କ ଶବ ବ୍ୟବଚ୍ଛେଦ କରାଯାଇଥିବା ବେଳେ କୁଜଙ୍ଗ ପୋଲିସ ଘଟଣାସ୍ଥଳରୁ ନବଘନ, କମଳା ଓ ହରେକୃଷ୍ଣଙ୍କ ଶବ ଜବତ କରି କୁଜଙ୍ଗ ଶବ ବ୍ୟବଚ୍ଛେଦ କେନ୍ଦ୍ରକୁ ପଠାଇଛି । ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଛି ।

## ସିବିଆଇ କାର୍ଯ୍ୟାଳୟରେ ସିବିଆଇ ରେଡ୍

ନୂଆଦିଲ୍ଲୀ, ୨୨।୧୦: ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ସିବିଆଇର ନଂ ୧ ଓ ନଂ ୨ ଅଧିକାରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ସମ୍ମୁଖ ଯୁଦ୍ଧ ଏବେ ତୀବ୍ର ରୂପ ନେବାକୁ ବସିଛି । ସିବିଆଇର ୨ ନଂ ଅଧିକାରୀ ତଥା ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନା ଏକ ଦୁର୍ନୀତି ମାମଲା ରଫାଦଫା କରିବାକୁ ୨ କୋଟିର ଲାଞ୍ଚ ନେଇଥିବା ଅଭିଯୋଗ ସାମ୍ନାକୁ ଆସିବା ପରେ ଆଜି ସିବିଆଇର ଏକ ଟିମ୍ ସିବିଆଇ ମୁଖ୍ୟାଳୟରେ ହିଁ ଚଢ଼ଉ କରି ଘଟଣାର ଛାନଭିନ୍ କରିଛି । ଦେଶର ସର୍ବୋଚ୍ଚ ତଦନ୍ତକାରୀ ସଂସ୍ଥା ସିବିଆଇର ଦୁଇ ବରିଷ୍ଠ ଅଧିକାରୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅର୍ନ୍ତଦ୍ୱନ୍ଦ୍ୱକୁ ନେଇ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଛି । ଏହାକୁ ନେଇ ଆରୋପ ପ୍ରତ୍ୟାରୋପ ଚାଲିଥିବା ବେଳେ ଆଜି ଏହି ବିବାଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହସ୍ତକ୍ଷେପ କରିଛନ୍ତି । ସେ ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଓ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କୁ ସମନ୍ କରିଛନ୍ତି । ଉଭୟ ତୁରନ୍ତ ଆସି ଦେଖା କରିବାକୁ ମୋଦି ସେମାନଙ୍କୁ କହିଥିବା ଜଣାପଡ଼ିଛି । ସେହିପରି ସିବିଆଇ ନିର୍ଦ୍ଦେଶକ ଆଲୋକ ବର୍ମା ଏଜେନ୍ସିର ଦ୍ୱିତୀୟ କ୍ଷମତାପ୍ରାପ୍ତ ଅଧିକାରୀ ସ୍ୱତନ୍ତ୍ର ନିର୍ଦ୍ଦେଶକ ରାକେଶ ଆସ୍ଥାନାଙ୍କ ବିରୋଧରେ ରୁଜୁ କରିଥିବା ଲାଞ୍ଚ କାରବାର ସମ୍ପର୍କିତ ଏଫ୍ଆଇଆର୍‌କୁ



ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି । ପିଏମ୍ଓ ପକ୍ଷରୁ କୁହାଯାଇଛି ଯେ, ଆଲୋକ ବର୍ମା ରୁଜୁ କରିଥିବା ଏଫ୍ଆଇଆର୍ ସମ୍ପର୍କରେ ଆମକୁ କୌଣସି ସୂଚନା ଦେଇନାହାନ୍ତି । ସିବିଆଇ ସ୍ୱତନ୍ତ୍ର ନିର୍ଦ୍ଦେଶକଙ୍କ ବିରୋଧରେ ଏଫ୍ଆଇଆର୍ ରୁଜୁ କରିବା ପୂର୍ବରୁ ଏନେଇ ପିଏମ୍ଓଙ୍କ ଅନୁମତି ଲୋ। ଯାଇଥାଏ । କିନ୍ତୁ ଆଲୋକ ବର୍ମା ଏହାକୁ ପାଳନ କରିନାହାନ୍ତି ବୋଲି ପିଏମ୍ଓ ପକ୍ଷରୁ କୁହାଯାଇଛି । ଏହି ମାମଲାରେ ସିବିଆଇ ପକ୍ଷରୁ ଆଜି ପ୍ରଥମ ଗିରଫଦାରୀ କରାଯାଇଛି । ସିବିଆଇ ମୁଖ୍ୟଙ୍କ ବିରୋଧରେ ମିଛ ମନ୍ତବ୍ୟ ଦେଇଥିବାରୁ ଆସ୍ଥାନାଙ୍କ ସହ କାର୍ଯ୍ୟ କରୁଥିବା ଡିଏସ୍‌ପି ଦେବେନ୍ଦ୍ର କୁମାରଙ୍କୁ ଆଜି ଗିରଫ କରାଯାଇଛି । ଅନ୍ୟପକ୍ଷରେ ସିବିଆଇ ଅର୍ନ୍ତଦ୍ୱନ୍ଦ୍ୱକୁ ଢାଲ କରି କଂଗ୍ରେସ ସଭାପତି ରାହୁଲ ଗାନ୍ଧି ସିଧାସଳଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟାର୍ଗେଟ କରିଛନ୍ତି । ଶ୍ରୀ ଗାନ୍ଧି କହିଛନ୍ତି, ସିବିଆଇକୁ ମୋଦି ସରକାର ରାଜନୀତିକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି । ସିବିଆଇକୁ ଲଗାଇ ପ୍ରଧାନମନ୍ତ୍ରୀ ମୋଦି ବିରୋଧୀ ଦଳଗୁଡ଼ିକ ଉପରେ ପ୍ରତିଶୋଧ (ପୃଷ୍ଠା-୭)

### ଦୁଇ ସିବିଆଇ ନିର୍ଦ୍ଦେଶକଙ୍କୁ ପ୍ରଧାନମନ୍ତ୍ରୀଙ୍କ ସମନ

## ପୁରୀ ହିଂସାକାଣ୍ଡ, ଗିରଫ ସଂଖ୍ୟା ୯୨ରେ ପହଞ୍ଚିଲା

ଭୁବନେଶ୍ୱର,୨୨।୧୦ (ସକାଳ ଖବର): ପୁରୀ ହିଂସାକାଣ୍ଡ ଘଟଣାରେ ଗିରଫ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ବର୍ତମାନ ସୁଦ୍ଧା ଏହି ଗିରଫ ସଂଖ୍ୟା ୯୨ରେ ପହଂଚିଛି ଏବଂ ଗିରଫ ସଂଖ୍ୟା ଆଗାମୀ ଦିନରେ ବୃଦ୍ଧି ପାଇବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି । ସିସି ଟିଭି ଫୁଟେଜକୁ ଆଧାର କରି (ପୃଷ୍ଠା-୭)

## ଏସସିବିର ୫ଟି ବିଭାଗରେ ଖୋଲିବ ଅଜଣା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ

ଭୁବନେଶ୍ୱର,୨୨।୧୦ (ସକାଳ ଖବର): ଆସନ୍ତା ଏକ ସପ୍ତାହ ମଧ୍ୟରେ କଟକ ଏସସିବି ମେଡିକାଲ କଲେଜରେ ଅଜଣା ରୋଗୀଙ୍କ ପାଇଁ ସ୍ୱତନ୍ତ୍ର ୱାର୍ଡ ଖୋଲାଯିବା ଶଲ୍ୟ , ଅସ୍ଥିଶଲ୍ୟ , ମେଡିସିନ୍ , ପ୍ରସୂତି ଓ ଶିଶୁରୋଗ ବିଭାଗରେ ଏହି ସ୍ୱତନ୍ତ୍ର ୱାର୍ଡ ଖୋଲାଯିବ ବୋଲି (ପୃଷ୍ଠା-୭)

## ତିତଲି କ୍ଷୟକ୍ଷତି ପାଇଁ ୨୭୭୦ କୋଟି ଟଙ୍କା ଅନୁମୋଦିତ

- ଗଞ୍ଜାମ, ରାୟଗଡା ଓ ଗଜପତି ଜିଲ୍ଲାକୁ ଦିଆଯିବ ୩୭୫ କୋଟି ଟଙ୍କା
- ଉଦ୍ୟାନ ଚାଷୀମାନଙ୍କୁ ମନରେଗାରେ ସହାୟତା ପାଇଁ ନିର୍ଦ୍ଦେଶ
- ବିଦ୍ୟାଳୟ ଓ ଅଙ୍ଗନବାଡିରେ ସ୍ୱାଭାବିକ କାର୍ଯ୍ୟ ଚାଲୁ ରଖିବାକୁ ନିର୍ଦ୍ଦେଶ
- ରାଜ୍ୟରେ ଭୁସ୍ଖଳନ ସମ୍ଭାବନାର ବୈଜ୍ଞାନିକ ଆକଳନ ହେବ

ଭୁବନେଶ୍ୱର, ୨୨।୧୦ (ସକାଳ ଖବର): ସାମୁଦ୍ରିକ ଝଡ ତିତଲି କ୍ଷୟକ୍ଷତିର ହୋଇଥିବା ପ୍ରାଥମିକ ଆକଳନ ୨୭୭୦.୨୮ କୋଟି ଟଙ୍କାକୁ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ରାଜ୍ୟସ୍ତରୀୟ କାର୍ଯ୍ୟନିର୍ବାହୀ କମିଟି ବୈଠକରେ ଅନୁମୋଦନ କରାଯାଇଛି। ଏହା ବ୍ୟତୀତ ଗଂଜାମ , ରାୟଗଡା ଓ ଗଜପତି ଜିଲ୍ଲାର ଜିଲ୍ଲାପାଳମାନଙ୍କୁ କ୍ଷତିପୂରଣ ବାବଦକୁ ସମୁଦାୟ ୩୭୫



କୋଟି ଟଙ୍କା ଦେବାପାଇଁ ବୈଠକରେ ନିଷ୍ପତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ୧୨୦ କୋଟି ଟଙ୍କା ଦିଆଯିବା ଚାଉଳ, ଚୁଡା,ଗୁଡ ଏବଂ ଅନ୍ୟାନ୍ୟ ତୁରନ୍ତ ରିଲିଫ୍ ଦ୍ରବ୍ୟର ମୂଲ୍ୟ ଓ ପରିବହନ ଖର୍ଚ୍ଚ ବାବଦରେ ପ୍ରାୟ ୨୦.୩୧ କୋଟି ଟଙ୍କାର ଖର୍ଚ୍ଚ ଅନୁମୋଦନ କରାଯାଇଛି। ଏହାଛଡା ପୁନରୁଦ୍ଧାର କାର୍ଯ୍ୟ ପାଇଁ ପ୍ରଥମ ପର୍ଯ୍ୟାୟରେ ଶକ୍ତି ବିଭାଗର ୨୭ କୋଟି, ଜଳ ସଂପଦ ବିଭାଗର ୭.୭୪ କୋଟି, ପୂର୍ତ୍ତ ବିଭାଗର ୪୯.୫୫ କୋଟି, ଗ୍ରାମ ଉନ୍ନୟନର ୫୫.୦୮ କୋଟି ଏବଂ ପଂଚାୟତି ରାଜ ଓ ପାନୀୟ ଜଳଯୋଗାଣ ବିଭାଗର ୬୨୪.୨୮ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ଅନୁମୋଦନ କରାଯାଇଛି। କ୍ଷୟକ୍ଷତି ଆକଳନ ସୂଚନା ଭିତିରେ ଗୃହ ନିର୍ମାଣ, ଲୁଗାପଟା, ବାସନକୁସନ ଏବଂ ଘରୋଇ ବସ୍ତୁ, କୃଷି ଜମିରୁ ବାଲିଚର ଉଠାଣ, ଗୃହ ପାଳିତ ପଶୁମାନଙ୍କ ମୃତ୍ୟୁ ସହାୟତା, କ୍ଷତିଗ୍ରସ୍ତ ନୌକା ଏବଂ ଜାଲ ଆଦିର ପୁନରୁଦ୍ଧାର ବାବଦରେ ୨୧୮.୫୦ କୋଟି ଟଙ୍କାର ଅଟକଳକୁ ମଧ୍ୟ ବୈଠକରେ ଅନୁମୋଦନ କରାଯାଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ବିଷ୍ଣୁପଦ ସେଠୀ କହିଥିଲେ ।

ଅପରପକ୍ଷରେ ବାତ୍ୟା ଓ ବନ୍ୟାରେ ଫସଲ କ୍ଷୟକ୍ଷତିର ରିପୋର୍ଟ ୨ ଦିନ ମଧ୍ୟରେ ପ୍ରଦାନ କରିବାକୁ ଜିଲ୍ଲାପାଳମାନଙ୍କୁ କୁହାଯାଇଛି। ପାହାଡ ଧଶିବାକୁ କିପରି ରୋକାଯାଇପାରିବ ସେଥିନେଇ ଆଲୋଚନା ହେବା ସହ ଅତ୍ୟାଧୁନିକ ବୈଜ୍ଞାନିକ କୌଶଳ ବ୍ୟବହାର ସମ୍ପର୍କରେ ଗୁରୁତ୍ୱ ଦିଆଯାଇଥିଲା। ଏହାର କାରଣ ଉପରେ ଅନୁଧ୍ୟାନ କରିବା ପାଇଁ ମଧ୍ୟ ନିଷ୍ପତି ହୋଇଥିଲା। ବାତ୍ୟାରେ କ୍ଷତିଗ୍ରସ୍ତ ହେଉଥିବା ଜିଲ୍ଲାର ଆଖପାଖ ଅଂଚଳ ମଧ୍ୟ କ୍ଷତିଗ୍ରସ୍ତ ହେଉଛି। ଏହାକୁ କିଭଳି ରୋକାଯାଇପାରିବ ତା ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଇଥିଲା।

ଉକ୍ତ ବୈଠକରେ ଶ୍ରୀ ସେଠୀ କହିଥିଲେ ଯେ ବାତ୍ୟା, ବର୍ଷା ଓ ବନ୍ୟାରେ କ୍ଷତିଗ୍ରସ୍ତ ଚାଷୀମାନଙ୍କର କ୍ଷୟକ୍ଷତି କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଛି । ଏଥି ପାଇଁ କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଅଧିକ କର୍ମଚାରୀଙ୍କୁ କ୍ଷତିଗ୍ରସ୍ତ ଅଂଚଳମାନଙ୍କରେ ମୁତୟନ କରାଯାଇଛି । ଇତି ମଧ୍ୟରେ ପ୍ରାୟ ଶତକଡା ୬୦ ଭାଗ କ୍ଷତିଗ୍ରସ୍ତ ଗ୍ରାମରେ କ୍ଷୟକ୍ଷତି ଆକଳନ କାର୍ଯ୍ୟ ଚୁଡାନ୍ତ ପର୍ଯ୍ୟାୟରେ ପହଂଚିଛି । ତିତ୍‌ଲି ଓ ତା ପରବର୍ତୀ ବର୍ଷା ଏବଂ ବନ୍ୟାରେ ପ୍ରପୀଡିତ ଅଂଚଳମାନଙ୍କରେ ରିଲିଫ୍ ଓ ପୁନଉଦ୍ଧାର (ପୃଷ୍ଠା-୭)

## ଆଜି ଗୃହ କମିଟି ନିକଟରେ ହାଜର ହେବେ ଆୟାର

ଭୁବନେଶ୍ୱର, ୨୨।୧୦ (ସକାଳ ଖବର): ଓଡିଶାର କଳା ସଂସ୍କୃତି ଓ ବିଧାୟକମାନଙ୍କ ପ୍ରତି ଆପତିଜନକ ମନ୍ତବ୍ୟ ଦେବା ପ୍ରସଙ୍ଗରେ ଅଭିଜିତ୍ ଆୟାର ମିତ୍ର ମଙ୍ଗଳବାର ଗୃହ



କମିଟି ନିକଟରେ ହାଜର ହେବେ। ମିଳିଥିବା ସୂଚନା ଅନୁଯାୟୀ ଅଭିଜିତ୍ ଆସନ୍ତାକାଲି ଭୁବନେଶ୍ୱରରେ ପହଂଚିବା ପରେ ସିଧାସଳଖ ବିଧାନସଭାକୁ ଯାଇ ଏହାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଗୃହ କମିଟି ନିକଟରେ ହାଜର ହେବେ। ଅନ୍ୟପକ୍ଷରେ ଭୁବନେଶ୍ୱର ଆସିବା ଲାଗି ସୁରକ୍ଷା ମାଗିଲେ ତାଙ୍କୁ ଆବଶ୍ୟକ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ପୋଲିସ୍ କମିଶନର ସତ୍ୟଜିତ ମହାନ୍ତି ପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଅଭିଜିତ୍‌ଙ୍କୁ ଗୃହ କମିଟିରେ ହାଜର ହେବା ଲାଗି କମିଟିର ଅଧ୍ୟକ୍ଷ ତଥା ବିରୋଧୀ ଦଳ ନେତା ଶ୍ରୀ ନରସିଂହ ମିଶ୍ର ନୋଟିସ୍ ଜାରୀ କରିଥିଲେ। ସୂଚନାଯୋଗ୍ୟ ଯେ ଓଡିଶା ,ଗସ୍ତ ବେଳେ ଅଭିଜିତ୍ ଓଡିଶାର କୋଣାର୍କ ମନ୍ଦିର ଓ ଶ୍ରୀମନ୍ଦିର ପ୍ରତି ଆକ୍ଷେପମୂଳକ ମନ୍ତବ୍ୟ ଦେଇଥିଲେ । ସେହିପରି ଓଡିଶାର ବିଧାୟକମାନଙ୍କ ପ୍ରତି ମଧ୍ୟ ଆପତିଜନକ ଶବ୍ଦ ର ବ୍ୟବହାର କରିଥିଲେ । ଏନେଇ ଭିଡିଓ ଭାଇରାଲ୍ ହେବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଧାୟକଙ୍କ ଅରୁଚିକର ମନ୍ତବ୍ୟ ନେଇ ସେ ବିଧାନସଭାର (ପୃଷ୍ଠା-୭)



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ



ହୁଣ୍ଡିର ଆୟ (୨୨.୧୦.୧୮) ୨,୫୪,୩୪୧



ମେକ୍ସିକୋ: ପୂର୍ବ ପ୍ରଶାନ୍ତ ମହାସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଝଡ଼ ୱିଲା ଏବେ ଏକ ଭୟଙ୍କର ହରିକେନ୍‌ର ରୂପ ନେଇ ମେକ୍ସିକୋର ପଶ୍ଚିମ ଉପକୂଳ ଆଡ଼କୁ ମୁହାଁଇଛି ।

## ପୁଣି ବଳଦ ମାରିଲା ସୁନ୍ଦରୀ

### କାବୁ କରିବାପାଇଁ ଅନୁଗୁଳରେ ବିଶେଷଜ୍ଞ ଦଳ

ଭୁବନେଶ୍ୱର, ୨୨।୧୦ (ସକାଳ ଖବର): ବାଘୁଣୀ ସୁନ୍ଦରୀକୁ ନେଇ ବିବାଦ ଘନେଇବାରେ ଲାଗିଛି। ବାରମ୍ବାର ହିଂସ୍ର ହୋଇ ସୁନ୍ଦରୀ ଆକ୍ରମଣ କରୁଥିବାରୁ ତାକୁ ସ୍ଥାନାନ୍ତର କରିବାନେଇ ଦାବି ଜୋର୍ ଧରିଛି। ଏସମ୍ପର୍କରେ ପିସିସିଏଫ୍ ଡ଼.ସନ୍ଦୀପ ତ୍ରିପାଠୀ କହିଛନ୍ତି ଯେ ଜଙ୍ଗଲରେ ଥିବା ବାଘୁଣୀ ସୁନ୍ଦରୀ ଉପରେ ନିଶ୍ଚେତକ ପ୍ରୟୋଗ କରି ତାକୁ ଅଚେତ କରି ରାଇଗୁଡା ଏନକ୍ଲୋଜରକୁ ଅଣାଯିବା ଲାଗି ଏକ ବିଶେଷଜ୍ଞ ଦଳ ଅନୁଗୁଳ ପହଂଚି ସାରିଛନ୍ତି। ମାତ୍ର ସ୍ଥାନୀୟ ଅଂଚଳରେ ଉତେଜନା ଲାଗି ରହିଥିବାରୁ ସମ୍ପୃକ୍ତ ଦଳ ଘଟଣାସ୍ଥଳକୁ ଯାଇ ପାରିନାହାଁ।

ଅପରପକ୍ଷରେ ବର୍ତମାନ ବାଘୁଣୀ ସୁନ୍ଦରୀକୁ ନରଖାଦକ ବୋଲି ଘୋଷଣା କରାଯାଇପାରିବ ନାହିଁ। ଯଦିଓ ବାଘୁଣୀ ଆକ୍ରମଣରେ ମୃତ୍ୟୁ ଅଭିଯୋଗ ଆସିଛି ,ତେବେ ସେମାନଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ପ୍ରମାଣିତ ହେବ କି ବାଘ ଆକ୍ରମଣରେ ସେମାନଙ୍କର ମୃତ୍ୟୁ ହୋଇଛି କି ନାହିଁ ବୋଲି ସେ କହିଛନ୍ତି। ବାଘ ଆକ୍ରମଣ କଲେ ମଣିଷ ବେକର ହାଡ଼ ଭାଙ୍ଗି ଯାଇଥାଏ। ମାତ୍ର ଅଭିଯୋଗ ଆସିଥିବା ମୃତକଙ୍କ ଠାରେ



ସେପରି ଦେଖାଯାଇ ନାହିଁ। ଏହି କାରଣରୁ ସୁନ୍ଦରୀକୁ ନରଖାଦକ ଘୋଷଣା କରି ହେବ ନାହିଁ।

ଏହା ବ୍ୟତୀତ ଦୁର୍ଘଟଣା ଘଟିଥିବା ଗାଁରେ ପୂର୍ବରୁ ବନ କର୍ମଚାରୀ ସତର୍କ ରହିବା ଲାଗି ସୂଚନା ଦେଇଥିଲେ। ବାରଣ ସତ୍ତ୍ୱେ ମାଛ ମାରିବାକୁ ଯିବାରୁ ଅଘଟଣ ଘଟିଲା ବୋଲି ପିସିସିଏଫ୍ କହିଛନ୍ତି। ଏଥିସହ ବନ ୪ କର୍ମଚାରୀ ମଧ୍ୟ ନିଖୋଜ ଥିବା ସେ କହିଛନ୍ତି।

ଅନ୍ୟପକ୍ଷରେ ସୋମବାର ସକାଳୁ ସାତକୋଶିଆ ନିକଟ ଜଙ୍ଗଲିଆ ଗାଁ ବାଘମୁଣ୍ଡାରେ ବାଘୁଣୀ 'ସୁନ୍ଦରୀ' ଗୋଟାଏ ବଳଦ ଶୀକାର କରିଥିବା ଅଭିଯୋଗ ହୋଇଛି। ବଳଦଟି ପାଖ ଜଙ୍ଗଲରେ ଚରାବୁଲା କରୁଥିବା ବେଳେ ବାଘୁଣୀ ଟାଣି ନେଇଥିଲା। ଘଟଣାସ୍ଥଳରେ ବଳଦର ରକ୍ତ ଦେଖିବାକୁ ମିଳିଥିଲା। ଏହି ଘଟଣା ଜଣାପଡିବା ପରେ ବାଘମୁଣ୍ଡା ଅଂଚଳରେ ପ୍ରବଳ ଜନ ଅସନ୍ତୋଷ ଦେଖାଦେଇଛି। ଫଳସ୍ୱରୂପ ବାଘୁଣୀକୁ ଟ୍ରାଙ୍କୁଲାଇଜ୍ କରିବାକୁ ବାହାରିଥିବା ବନ ବିଭାଗର ଏକ ଟିମକୁ ମଧ୍ୟ ସେମାନେ ଅଟକାଇ ରଖିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ବାଘୁଣୀ ଗୃହପାଳିତ ପଶୁଙ୍କ ଠାରୁ ଆରମ୍ଭ କରି ମଣିଷଙ୍କୁ ଶୀକାର କରୁଛି। ମାତ୍ର ବନ ବିଭାଗ କିମ୍ବା ପ୍ରଶାସନ ତରଫରୁ ସେମାନଙ୍କର ସୁରକ୍ଷା ପାଇଁ କୌଣସି ପଦକ୍ଷେପ ନିଆଯାଉନାହିଁ। (ପୃଷ୍ଠା-୭)

## ବ୍ରାହ୍ମଣୀ ନଦୀରେ ବୁଡି ୨ ବାଳକଙ୍କ ମୃତ୍ୟୁ

ଧର୍ମଶାଳା, ୨୨।୧୦ (ସକାଳ ଖବର): ଯାଜପୁର ଜିଲା ବରୀ ବ୍ଲକ ତିନି ମୁହାଣୀରେ ଘଟିଛି ଅଘଟଣ। ବ୍ରାହ୍ମଣୀ ନଦୀରେ ବୁଡି ଯାଇ ୨ଜଣ ଛାତ୍ରଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ବରୀ ବ୍ଲକ ଅଧିନସ୍ଥ ସାହୁପଡ଼ା ଗ୍ରାମର ରାଜୀବ ବାରିକଙ୍କ ପୁଅ ରାହୁଲ (୧୩) ଓ ବ୍ରହ୍ମାନନ୍ଦ ବାରିକଙ୍କ ପୁଅ କାର୍ତିକ (୧୩) ବୋଲି ଜଣାପଡିଛି । ଗାଧୋଇବା ସମୟରେ ଘଟିଛି ଏହି ଅଘଟଣ । ସୂଚନା ଅନୁଯାୟୀ, ଆଜି ପୂର୍ବାହ୍ନ ୧୧ଟା ସମୟରେ ୫ ଜଣ ସାଙ୍ଗ ଗାଧୋଇବାକୁ ସେଠାକୁ ଯାଇଥିଲେ । ସେମାନଙ୍କ ମଧ୍ୟରୁ ଦୁହେଁ ପ୍ରଖର ସ୍ରୋତରେ ଭାସି ଯାଇଥିଲେ । ଅନ୍ୟ ସାଙ୍ଗମାନେ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ପାଣିରେ ବୁଡି ଯାଉଥିବା ଦେଖି ଖୋଜାଖୋଜି କରି ପ୍ରଥମେ ରାହୁଲଙ୍କ ମୃତଦେହ ଉଦ୍ଧାର କରିଥିଲେ । ବରୀ ଅଗ୍ନିଶମ ବିଭାଗର କର୍ମଚାରୀମାନେ ନିଖୋଜ କାର୍ତିକଙ୍କୁ ପରେ ଉଦ୍ଧାର କରିଥିଲେ । ତାଙ୍କୁ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରାଯାଇଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଦୁହେଁ ନବମ ଶ୍ରେଣୀର ଛାତ୍ର ବୋଲି ଜଣାପଡିଛି । ଘଟଣାସ୍ଥଳରେ ବରୀ ପୁଲିସ ପଂହଚି ଉଭୟଙ୍କ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ବୋଲି ବରୀ ଥାନା ଅଧିକାରୀଣୀ ରୋଜାଲିନ ପଟେଲ ପ୍ରକାଶ କରିଛନ୍ତି ।




**This Durga Puja and Kali Puja get more than just blessing. Total Shoping PVT LTD**

**Address**

Tarang Apartment Vedvyas
Near Bank of India, Rourkela
Odisha. B.M- Raju Sharma
Mob No.- 9078917472, 9078684482



Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**